# Akashvani, Sambalpur

## SAMBALPURI NEWS EVENING BULLETIN

## 15 December 2024- 7.02 pm- 7.12 pm.

**********************************************

୧- ରାଜ୍ୟର୍ ଫି’ ପଂଚାୟତ୍ ନ ଗୁଟେ ପ୍ରାଥମିକ ବିଦ୍ୟାଳୟକେ କରାଯିବା ସ୍ମାର୍ଟ ସ୍କୁଲ୍- କହେଲେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ।

- ସମ୍ବଲ୍‌ପୁର୍ ଗସ୍ତ ଅବ୍‌ସରେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ହେବେ ସାମିଲ୍ ।

୨- ଜଙ୍ଗଲ୍ ଓଡ଼ିଶାର୍ ଅର୍ଥନୀତିର୍ ମେରୁଖୁମ୍ - କହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ।

୩- ସର୍ଦ୍ଦାର୍ ବଲ୍ଲଭ ଭାଇ ପଟେଲ୍‌ଙ୍କର୍ ଶ୍ରାଦ୍ଧ ଦିବସ୍‌ଥି ସାରା ଦେଶ୍ ଜନାଲା ଶ୍ରଦ୍ଧାଞ୍ଜଳି ।

ଆଉର୍

୪- ରାଏଜେ ଜାରି ରହିଛେ ଶୀତ୍‌ଲହରି- ଝାର୍‌ସୁଗୁଡ଼ା ନ ରେକର୍ଡ ହେଲା ସବୁନୁ କମ୍ ତାତି ୬ ଦଶ୍‌ମିକ୍ ୮ ଡିଗ୍ରୀ ସେଲ୍‌ସିଅସ୍ ।

ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ସମ୍ବଲପୁର ଆର୍ଏନ୍ୟୁ/
ସମ୍ବଲପୁର

ରାଜ୍ୟର୍ ଫି' ପଂଚାୟତ୍ ନ ଗୁଟେ ଗୁଟେ ପ୍ରାଥମିକ ସ୍କୁଲ୍‌କେ ସ୍ମାର୍ଟ ସ୍କୁଲ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ ସମ୍ବଲ୍‌ପୁର୍ ଗସ୍ତ ନ ଆସିଥିବା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବୁର୍ଲା ସର୍କାରୀ ହାଇସ୍କୁଲ୍‌ର ପ୍ଲାଟିନମ୍ ଜୁବ୍‌ଲି ଉସ୍ବବ୍‌ଥି ଯୋଗ୍ ଦେଇକରି କହିଛନ୍ ଯେ, ଫି ପଂଚାୟତ୍ ନ ହେବାର୍‌କେ ଥିବା ସ୍ମାର୍ଟ ସ୍କୁଲ୍‌ଥି ପଂଚାୟତ୍ ଇଲାକାର୍ ବଛା ବଛା ଗରିବ୍ ମେଧାବୀ ଛାତ୍ରଛାତ୍ରୀ ପଢ଼୍‌ବାର୍ ସୁଯୋଗ୍ ପାଏବେ । ତାର୍‌ସାଙ୍ଗେ ରାଏଜେ ଶିକ୍ଷାର୍ ବିକାଶ୍ ଲାଗି ତାଙ୍କର୍ ସର୍କାର୍ ପ୍ରତିଶ୍ରୁତିବଦ୍ଧ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେ ଆହୁରି କହିଛନ୍, ରାଜ୍ୟର୍ ପୁର୍‌ନା ସ୍କୁଲ୍ ମାନ୍‌କର୍ ଭିଲ୍ ବିକାଶ୍ କରାଯାଇକରି ଐତିହ୍ୟ ବିଦ୍ୟାଳୟର୍ ମାନ୍ୟତା ଦେବାର୍ ଯୋଜ୍‌ନା କରାଯାଉଛେ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଉସ୍ବବ୍‌ଥି ଯୋଗ୍ ଦେଇକରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଦେଶ୍ ବିଦେଶ୍‌ନୁ ନିଜର୍ ସ୍କୁଲ୍‌ର ପ୍ଲାଟିନମ୍ ଜୁବ୍‌ଲି ପାଲନ୍ କର୍‌ବାର୍ ଲାଗି ଧାଇଁ ଆଇଥିବା ପୁର୍‌ନା ଛାତ୍ରଛାତ୍ରୀଙ୍କର୍ ଉସ୍ବାହ ଦେଖିକରି ପ୍ରଶଂସା କର୍‌ବାର୍ ସହେତେ ବୁର୍ଲା ହାଇସ୍କୁଲ୍

ଓଡ଼ିଶାର୍ ପହେଲା ଇଂଲିଶ୍, ହିନ୍ଦୀ ଆର୍ ଓଡ଼ିଆଥି ପଢ଼ାଯାଉଥିବା ସ୍କୁଲ୍ ବଲି ଜାନ୍ଲା ଉତ୍ରୁ ତାଙ୍କୁ ଖୋବ୍ ଆନନ୍ଦ ଲାଗ୍ଲା ବଲି ସେ କହିଛନ୍ ।

ସେ ଆହୁରି କହିଛନ୍ ଯେ, ସମ୍ବଲ୍ପୁର୍ - ଓଡ଼ିଶା ସର୍କାର୍ଙ୍କର୍ ପ୍ରାଥମିକତାଥି ଅଛେ । ସମ୍ବଲ୍ପୁର୍ର ସର୍ବାଙ୍ଗୀନ ବିକାଶ୍ ଲାଗି ସର୍କାର୍ ସବୁବେଲେ ଆଗ୍ଭର୍ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ଉତ୍ସବ୍ଥି ରାଜ୍ୟ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଆର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ଭିଲ୍ କୁନୁଆଁ ଭାବେ ଯୋଗ୍ ଦେଇଥିଲେ ।

ଆଝିର୍ ଗସ୍ତ ଅବ୍ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆର୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ୍ ସମ୍ବଲ୍ପୁର୍ ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେବେ ।

ଅଣଗେଜେଟେଡ୍ ବନସେବା ସଂଘ ସମ୍ବଲ୍ପୁର୍ ସମ୍ବାଦଦାତା

ଜଙ୍ଗଲ ଓଡ଼ିଶାର୍ ଅର୍ଥନୈତିକ ମେରୁଖମ୍ ଆଏ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଆଏଜ୍ ବୁର୍ଲା ଏମ୍ସିଏଲ୍ ଗେଷ୍ଟ ହାଉସ୍ ନ ଓଡ଼ିଶା ଅଣଗେଜେଟେଡ୍

ବନସେବା ସଂଘ ସମ୍ବଲ୍‌ପୁର୍ ଜୋନ୍‌ର ସାଧାରଣ ପରିଷଦ୍ ବୈଠକ୍‌ଥି ଯୋଗ୍ ଦେଇକରି ସେ କହିଛନ୍ ଯେ, ଜଙ୍ଗଲ୍ ରୋଜ୍‌ଗାର୍‌ର ସବୁନୁ ବଡ଼ ମାଧ୍ୟମ୍ ହେଇପାର୍‌ବା । ଜଙ୍ଗଲ୍‌ର ସୁରକ୍ଷା ଆର୍ ପଶୁପକ୍ଷୀଙ୍କର୍ ସୁରକ୍ଷା ହେଲେ ପର୍ଯ୍ୟଟନ୍ ଭିଲ୍ ବଢ଼୍‌ବା । ହିସାବ୍ ଅନ୍‌ସାରେ ଓଡ଼ିଶା ଦେଶର୍ ଦ୍ୱିତୀୟ ସବୁଠାନୁ ବଡ଼ ଜଙ୍ଗଲ୍ ଥିବାର୍ ରାଜ୍ୟ ଆଏ । ରାଏଜେ ଜଙ୍ଗଲ୍‌ର ସୁରକ୍ଷା ଲାଗି ଏଆଇ ଟେକ୍ନୋଲୋଜିର୍ ବେଭାର୍ କରାଯିବା ଆଉ ପହେଲାକରି ଫରେଷ୍ଟ ସୁରକ୍ଷା ଫୋର୍ସ ମୁଲ୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ । ଇତାର୍‌ସଙ୍ଗେ ନୂତନ ଶିକ୍ଷାନୀତି ଅନ୍‌ସାରେ ପାଠ୍ୟକ୍ରମ୍‌ଥି ଜଙ୍ଗଲ୍ ବିଷେ ଠାନ୍ ପାଏବା ବଲି ସେ କହିଛନ୍ । ରାଏଜେ ଥିବା ୧୯ ଟା ଅଭୟାରଣ୍ୟ ଭିତ୍‌ରୁ ୪ ଟା ସମ୍ବଲ୍‌ପୁର୍ ଲୋକ୍‌ସେବା କ୍ଷେତ୍ର ଇଲାକା ନ ଅଛେ । ହେଟାକେ ବିକଶିତ୍ କର୍‌ବାର୍ ଭାର୍ ଆମର୍ ସମସ୍ତଙ୍କର୍ ଆଏ ବଲି ସେ କହିଛନ୍ । ରାଏଜେ ଜଙ୍ଗଲ୍ ସମ୍ପଦାର୍ ବଢ଼୍‌ତି ଲାଗି ମନ୍ତ୍ରୀ ଶ୍ରୀ ପ୍ରଧାନ୍ ବନ କର୍ମଚାରୀମାନ୍‌କୁ ଧନ୍ୟବାଦ୍ ଦେବାର୍ ସଙ୍ଗେ ସେମାନ୍‌କର୍ ସମସ୍ୟାର୍ ସମାଧାନ୍ ଲାଗି କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କୁ ଜନାବେ ଆର୍ ବିଭାଗୀୟ ମନ୍ତ୍ରୀ ଆର୍ ଅଧିକାରୀଙ୍କର୍ ସାଙ୍ଗେ କଥା ଲାଗ୍‌ବେ ବଲି ସେ ପ୍ରତିଶ୍ରୁତି ଦେଇଛନ୍ । ବୈଠକ୍‌ଥି ପଂଚାୟତ୍‌ରାଜ୍ ମନ୍ତ୍ରୀ

ରବିନାରାୟଣ୍ ନାଏକ୍‌ଙ୍କର୍ ସହେତେ ବନ ବିଭାଗ୍‌ର ବରିଷ୍ଠ ଅଧିକାରୀ ଆର୍ ଅଣ ଗେଜେଟେଡ୍ ବନସେବାସଂଘର୍ କର୍ମକର୍ତାମାନେ ଯୋଗ୍ ଦେଇଥିଲେ ।

ଜନଅଭିଯୋଗ୍ ଶୁଣାଣି          ସିଏମ୍‌ଓ

ଭୁବ୍‌ନେଶ୍ୱର୍ ୟୁନିଟ୍ -୫ ନ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ପ୍ରକୋଷ୍ଠ ଠାନେ ଆଏବା କାଏଲ୍ ସୋମ୍‌ବାର୍ ଦିନ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ ହେବା । ଆଘୋନୁ ଗଲା ଅକ୍ଟୋବର୍ ମାସ ୨୮ ତାରିଖ୍‌ଥି ଯେନ୍‌ମାନେ ଅଭିଯୋଗ୍ କର୍‌ବାର୍ ଲାଗି ପଞ୍ଜିକରଣ୍ କରିଥିଲେ ଖାଲି ସେମାନ୍‌କର୍ ଶୁଣାଣି ହେବା ।  ଇଥିର୍‌ଲାଗି ଫେର୍‌ଘାଏ ପଞ୍ଜିକରଣ୍ କର୍‌ବାର୍‌କେ ନାଇଁ ପଡ଼େ । ଇ ବାବ୍‌ଦେ ସାଧାରଣ ପ୍ରଶାସନ୍ ଆର୍ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସର୍ଦ୍ଦାର୍ ପଟେଲ୍‌ଙ୍କୁ ଶ୍ରଦ୍ଧାଞ୍ଜଳି          ଏନ୍‌ଏସ୍‌ଡି

ଲୌହମାନବ୍ ସର୍ଦ୍ଦାର୍ ବଲ୍ଲଭ ଭାଇ ପଟେଲ୍‌ଙ୍କର୍ ଆଏଜ୍ ହେଉଛେ ଶ୍ରାଦ୍ଧ ଦିବସ୍ । ସର୍ଦ୍ଦାର୍ ପଟେଲ୍ ଦେଶର୍ ସ୍ୱାଧୀନତା

ଆନ୍ଦୋଲନ୍‌ଥି ବଡ଼ ଭୂମିକା ନେବାର୍ ସଙ୍ଗେ ପହେଲା ଉପପ୍ରଧାନ୍‌ମନ୍ତ୍ରୀ ହିସାବେ ଆଧୁନିକ୍ ଭାରତ୍‌ର ନିର୍ମାଣ୍‌ଥି ଯୋଗ୍‌ଦାନ୍ କରିଥିଲେ । ତାଙ୍କର୍ ଶ୍ରାଦ୍ଧ ଦିବସ୍ ଉଧେ ଆଏଜ୍ ସାରା ଦେଶ୍ ତାଙ୍କୁ ସୁର୍‌ତା କରିଛେ ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଜନେଇକରି ସର୍ଦ୍ଦାର୍ ପଟେଲ୍‌ଙ୍କର୍ ବ୍ୟକ୍ତିତ୍ୱ ଆର୍ କାମ୍ ଦେଶର୍ ଏକତା, ଅଖଣ୍ଡତା ସଙ୍ଗେ  ବିକଶିତ୍ ଭାରତ୍ ଲକ୍ଷ୍ୟ ପୂରଣ୍ କର୍‌ବାର୍ ଲାଗି ସବୁବେଲେ ଗୁଟେ ପ୍ରେରଣାର୍ ଉତ୍ସ ହେଇକରି ରହେବା ବଲି କହିଛନ୍ ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଭିଲ୍ ଶ୍ରଦ୍ଧାଞ୍ଜଳି ଜନେଇକରି କହିଛନ୍ ଯେ, ୫ ଶହ ୫୦ ନୁ ଅଏତ୍‌କା ଗଡ଼ଜାତ ରାଜ୍ୟ କେ ଏକ୍‌ଜୁଟ୍ କରିକରି  ସେ ଆଧୁନିକ୍ ଭାରତ୍ ନିର୍ମାଣ୍ କର୍‌ବାର୍‌କେ ନାହି ପକେଇଥିଲେ । ରାଜ୍ୟପାଲ୍ ରଘୁବର୍ ଦାସ ସର୍ଦ୍ଦାର୍ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଜନାବାର୍ ସଙ୍ଗେ ସେ ଏକ୍ ଭାରତ୍ ଶ୍ରେଷ୍ଠ ଭାରତ୍‌ର ପରିକଳ୍ପନା ଆଉ ଭାରତ୍‌କେ ଏକତାର୍ ସୂତ୍ର ନ ବାନ୍ଧ୍‌ବାର୍ କାମ୍ କରିଥିଲେ ବଲି କହିଛନ୍ । ସେନ୍ତା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭିଲ୍ ଦେଶର୍ ଅଖଣ୍ଡତା ଆର୍ ଏକତାକେ ଜବର୍ କର୍‌ବାର୍‌ଥି ସର୍ଦ୍ଦାର୍ ପଟେଲଙ୍କର୍ ଅବଦାନ୍ ସବୁଦିନ ସୋର୍ ରହେବା ବଲି କହିଛନ୍ । କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସର୍ଦ୍ଦାର୍

ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି ସର୍ଦ୍ଦାର୍ ପଟେଲ୍ଙ୍କର୍ ନେତୃତ୍ୱ କୁଟନୈତିକ୍ ଦକ୍ଷତା ଆର୍ ସଂକଳ୍ପ ଦେଶ୍‌କେ ସଶକ୍ତ ଆର୍ ସଂଗଠିତ୍ ରାଷ୍ଟ୍ରର୍ ରୂପ ଦେଇଥିଲା ବଲି କହିଛନ୍ ।

ଶ୍ରୀମନ୍ଦିର- ପହିଲି ଭୋଗ ନୀତି ପୁରୀ ସମ୍ବାଦଦାତା

ଆଏବା କାଏଲ୍ ହେଉଛେ ପବିତ୍ର ଧନୁ ସଂକ୍ରାନ୍ତି । ଇ ଉଧେ ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁଙ୍କର୍ ପହିଲି ଭୋଗ ନୀତି ମୁଲ୍ ହେବା । ପରମ୍ପରା ଅନ୍‌ସାରେ ଧନୁ ସଂକ୍ରାନ୍ତି ନୁ ମକର ସଂକ୍ରାନ୍ତି ତକ୍ ମାସେ ଧରିକରି ମା’ ମହାଲକ୍ଷ୍ମୀ ବାପ୍ ଘର୍‌କେ ଯାଏସନ୍ । ହେଥିର୍‌ଲାଗି ଇ ସମିଆ ନ ମା’ ଯଶୋଦା ତାଙ୍କର୍ ପୁଓର୍ ଲାଗି ଭିନ୍ ଭିନ୍ ସୁସ୍ୱାଦୁ ବ୍ୟଞ୍ଜନ୍ ବନାସନ୍ । ପହିଲି ଭୋଗ୍ ନୀତି ଥି ସାଧାରଣ ଭୋଗ୍ ସଙ୍ଗେ ମାହାପୁରୁଙ୍କୁ ବିର୍‌ହି, ଗହମ୍‌ଚୁନା, ଘି ଥି ପଗା ହେଇଥିବା ପିଠା, ଲିଆ ଲଡୁ ଭୋଗ୍ ଲଗାଯାଏସି । ଗୋପଲ୍‌ବଲ୍ଲଭ୍‌ଙ୍କର୍ ନ ଇ ପହିଲି ଭୋଗ ଲଗାଯାଏସି । ଇ ବଛର୍ ପହିଲି ଭୋଗ୍ ନୀତି ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଧାରିଜ୍ ନୀତି ନିର୍ଘଂଟ ହିସାବେ ରାତି ୨ ବଜେ ଦୁଆର ଫିଟା, ୩ ବଜେ ମଙ୍ଗଲ୍ ଆଲ୍‌ତୀ, ସାଢ଼େ ୩ ବଜେ ମଇଲମ, ସାଢ଼େ ୪ ବଜେ ଅବକାଶ ପୂଜା ଉତାରୁ ସାଢ଼େ

୫ ବଜେ ବେଶ ଶେଷ ହେବା । ତାର୍ ଉତ୍‌ରୁ ପହିଲି ଭୋଗ ମୁଲ୍ ହେବା । ଇ ପହିଲି ଭୋଗ୍‌ର ମହତ୍ୱ ଅଲ୍‌ଗା ସମିଆନୁ ମିଲୁଥିବା ଭୋଗ୍ ଠାନୁ ଖାସ୍ ଆଏ ।

ସୁବର୍ଣ୍ଣପୁର୍-ଉସ୍ ଉତ୍ସବ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ତର୍‌ଭା ନ ଫକୀର୍ ବାବାଙ୍କର୍ ପବିତ୍ର ଉସ୍ ଉତ୍ସବ୍ ହେଇଯାଇଛେ । ଓଡ଼ିଶା ସହେତେ ଛତିଶ୍‌ଗଡ୍, ମଧ୍ୟପ୍ରଦେଶ୍, ପଶ୍ଚିମବଙ୍ଗ, ଆସାମ୍ ଆର୍ ଆନ୍ଧ୍ରପ୍ରଦେଶ୍‌ର ଭିନ୍ ଭିନ୍ ଇଲାକାନୁ ସବୁ ଧର୍ମ ସମ୍ପ୍ରଦାୟ ବର୍ଗର୍ ଭକ୍ତ ଇଥି ସାମିଲ୍ ହେଇକରି ଫକୀର୍ ବାବାଙ୍କର୍ ସମାଧିଥି ଚାଦର୍ ଚଢ଼େଇଥିଲେ ।

ରକ୍ତଦାନ୍ ଶିବିର ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ଉଲୁଣ୍ଡା ନ ମାର୍‌ୱାଡ଼ି ଯୁବାମଂଚ୍ ତର୍‌ଫୁ ଆଏଜ୍ ରକ୍ତଦାନ୍ ଶିବିର ହେଇଯାଇଛେ । ହେଥି ଶହେ ୧ ଝନ୍ ରକ୍ତ ଦେଇଥିଲେ । ଆଏଜ୍‌ଠାନୁ ଆଏବା ୨୨ ତାରିଖ୍‌ତକ୍ ସାରା ରାଏଜେ ୧୫ ହଜାର୍ ୟୁନିଟ୍ ରକ୍ତ ସଂଗ୍ରହର୍ ଲାଗି ନିଖିଳ

ଓଡ଼ିଶା ମାର୍‌ୱାଡ଼ି ଯୁବା ମଂଚ୍‌ର ଡାକ୍‌ରା ଅନ୍‌ସାରେ ଇ ଶିବିର ଆୟୋଜନ୍ ହେଇଥିଲା ।

ଡ୍ରାଇଭର୍ ମହାସଂଘ-ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍‌ର କଲ୍ୟାଣ୍ ମଣ୍ଡପ୍ ନ ଓଡ଼ିଶା ଡ୍ରାଇଭର୍ ମହାସଂଘ ଖଡ଼ିଆଲ୍ ବ୍ଲକ୍ ଶାଖାର୍ ସଭା ଆଏଜ୍ ହେଇଯାଇଛେ । ଜିଲ୍ଲା ସଭାପତି ଜିତୁ ପାଣିଗ୍ରାହୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସଭାଥି ବ୍ଲକ ଶାଖାର୍ ନୂଆଁ କର୍ମକର୍ତା ନିର୍ବାଚନ୍ କରାଯାଇଥିଲା ।

କେ.ସି.ଏସ୍.ଏ. କ୍ରିକେଟ୍ କପ୍ ଟୁର୍ଣ୍ଣାମେଂଟ/ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ଖଡ଼ିଆଲ୍ କ୍ରିକେଟ୍ ଆର୍ ସ୍ପୋର୍ଟସ୍ ଆସୋସିଏସନ୍ ତର୍‌ଫୁ ଆଏବା ୨୪ ନୁ ୨୮ ତାରିଖ୍‌ତକ୍ କେ.ସି.ଏସ୍.ଏ. କ୍ରିକେଟ୍ କପ୍ ଟୁର୍ଣ୍ଣାମେଂଟ୍ ହେବା । ଆଏଜ୍ ଗୁଟେ ସାମ୍ବାଦିକ୍ ସମ୍ମିଳନୀଥି ଆୟୋଜକ୍ ଅନୁଷ୍ଠାନ୍‌ର ସଭାପତି ଆର୍ ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ ଇ ସୂଚ୍‌ନା ଦେଇଛନ୍ । ଟୁର୍ଣ୍ଣାମେଂଟ୍‌ଥି ଫି’ ଦିନ ଦିନ୍ ଆର୍ ରାଏତ୍

ଦୁହିବେଲା ୨ ଟା ମେଚ୍ ଖେଲାଯିବା ଆଉ ଇଥି ନୂଆପଡ଼ା ସହେତେ ବର୍‌ଗଡ୍, ବଲାଙ୍ଗିର୍, ସମ୍ବଲ୍‌ପୁର୍, ନବରଙ୍ଗ୍‌ପୁର୍ ଆର୍ ଭଦ୍ରକ୍ ଜିଲ୍ଲାର୍ କ୍ରିକେଟ୍ ଦଲ୍‌ମାନେ ଭାଗ୍ ନେବେ ବଲି ସୂଚ୍‌ନା ଦିଆଯାଇଛେ ।

କିରୋସିନ୍ ଆବଂଟନ୍ ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ସର୍‌କାର୍ ଗଲା ଅକ୍ଟୋବର୍ ନୁ ଡିସେମ୍ବର୍ ମାସ୍‌ତକ୍ ଓଡ଼ିଶାକେ ୪ ହଜାର୍ ୯ ଶହ ୪୯ କିଲୋଲିଟର୍ କିରାସିନ୍ ଆବଂଟନ୍ କରିଛନ୍ । ହେଥି ଖାଦ୍ୟ ସୁରକ୍ଷା ଯୋଜ୍‌ନାର୍ ୯୬ ଲାଖ୍ ୩୮ ହଜାର୍ ଶହେ ୩ ଝନ୍ ହିତାଧିକାରୀଙ୍କୁ ୩ ମାସ୍ ଲାଗି ଅଧା ଲିଟର୍ ଲେଖା କିରାସିନ୍ ଯୁଗେଇ ଦିଆଯାଉଛେ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ରାଏଜେ ଜବର୍ ଶୀତ ଲହରୀ ଜାରି ରହିଛେ । ଆଏଜ୍ ରାଜ୍ୟର୍ ୨୯ ଟା ଜାଗା ନ ସବୁନୁ କମ୍ ତାତି ୧୫ ଡିଗ୍ରୀ

ସେଲ୍‌ସିଅସ୍‌ନୁ କମ୍  ରହିଥିବାର୍ ବେଲେ ଝାର୍‌ସୁଗୁଡ଼ା ନ ରାଜ୍ୟର୍ ସବୁନୁ କମ୍ ତାତି ୬ ଦଶ୍‌ମିକ୍ ୮ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ୍ କରାଯାଇଛେ । ସେନ୍ତା ପଶ୍ଚିମ ଓଡ଼ିଶାର୍ ବାକି ଜାଗା ମାନ୍‌କର୍ ଭିତ୍‌ରୁ ଦିନର୍ ସବୁନୁ କମ୍ ତାତି ସୁନ୍ଦର୍‌ଗଡ୍ ଆର୍ ଭବାନୀପାଟ୍‌ନା ନ ୯ ଦଶ୍‌ମିକ୍ ୪, ବୌଦ୍ଧ ନ ୧୦, ସୋନ୍‌ପୁର୍ ୧୦ ଦଶ୍‌ମିକ୍ ୫, ବଲାଙ୍ଗିର୍ ନ ୧୦ ଦଶ୍‌ମିକ୍ ୭, ସମ୍ବଲ୍‌ପୁର୍ ନ ୧୨ ଦଶ୍‌ମିକ୍ ୬, ଦେବ୍‌ଗଡ୍ ନ ୧୪ ଦଶ୍‌ମିକ୍ ୬ ଆର୍ ବର୍‌ଗଡ୍ ନ ୧୫ ଦଶ୍‌ମିକ୍ ୬ ଡିଗ୍ରୀ ସେଲ୍‌ସିଅସ୍ ରହିଥିଲା ।

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟାତକ୍ ପାଗ୍ ହେନ୍ତେଇ ରହେବା । ଝାର୍‌ସୁଗୁଡ଼ା ଆଉ ସୁନ୍ଦର୍‌ଗଡ୍‌ର ଗୁଟେ ଜୁଡ଼େ ଜାଗା ନ ଜବର୍ ଶୀତ୍‌ଲହରୀ ଥିତି ରହେବା ।